
# ତଅପୋଇ ବା
# ଖୁଦୁରୁକୁଣୀ ଓଷା



# ବୃହତ୍ ତଅପୋଇ

# ବା ଖୁଦୁରୁକୁଣୀ ଓଷା

## ପ୍ରଥମ ଅଧ୍ୟାୟ

ବନ୍ଦଇ ଦେବ ଜଗନ୍ନାଥ । କମଳା ଦେବୀର ସଙ୍ଗତ ॥
ଲକ୍ଷ୍ମୀଦେବୀର ପ୍ରାଣନାହା । ଶୋଭିତ ଶଙ୍ଖଚକ୍ର ବାହା ॥
ଅଶେଷ ବ୍ରହ୍ମାଣ୍ଡ ଠାକୁର । ବିଜୟ ଦ୍ୱାରିକା ନଗର ॥
ଧନ୍ୟ ସେ ଦ୍ୱାରକା ମହିମା । ନିର୍ମାଣ କଲା ବିଶ୍ୱକର୍ମା ॥
ଅଠର ବଂଶ ଲୋକ ଯେତେ । ଅଛନ୍ତି ପ୍ରଭୁ ସଙ୍ଗେ ନେଇ ॥
ସମସ୍ତେ ବିଷ୍ଣୁର କୁଟୁମ୍ବ । ସକଳ ସମ୍ପଦ ଆରମ୍ଭ ॥
ଅଛିଲେ ବହୁ ସୁତାସୁତ । କୁଟୁମ୍ବ ହୋଇଲେ ବହୁତ ॥
କୃଷ୍ଣର ବହୁତ ଯୁବତୀ । ବତିଶ ସହସ୍ର ହେବେଟି ॥
ଗୋଟିଏ ଲେଖାଏ ରୁକ୍ମିଣୀ । ଏଥୁ ଅଧିକ ନୁହେଁ ଜଣା ॥
ଦୁହିତା ତିନିଗୋଟି ଜାତ । ଏମନ୍ତେ କୁଟୁମ୍ବ ବହୁତ ॥
ରାଜା ତହିଁରେ ଉଗ୍ରସେଣ । ମନ୍ତ୍ରୀ ଯାଦବ ତିନି ଜଣ ॥
ଶୁଭେଣ ପରଜା ପାଳନ୍ତି । ବଳିଷ୍ଠ ଦୁର୍ବଳ ଅଛନ୍ତି ॥
ସବୁରି ଘରେ ଶୁଦ୍ଧ ସ୍ୱର୍ଣ୍ଣ । ସମସ୍ତେ କୁବେର ସମାନ ॥
ଯାବତ ଓଷା ବାର ବ୍ରତ । ସେ ପୁରେ ଅଛଇ ସମସ୍ତ ॥
ଆପେ ମନୁଷ୍ୟ ଦେହ ଧରି । ମେଦିନୀ ଭରା ନାଶ କରି ॥
ଯହିଁ ବିଜୟ ଯଦୁ ବଂଶ । ତହିଁକି କିସ ଦେବା ଲକ୍ଷ୍ୟ ॥
ଆଶ୍ୱିନ କାର୍ତ୍ତିକ ହୋଇଲା । ମାର୍ଗଶୀର ଯେ ପ୍ରବେଶିଲା ॥
ତା ଅନ୍ତେ ପୌଷ ମାଘ ଲେଖ । ଫାଲଗୁନ ଚୈତ୍ର ଯେ ବୈଶାଖ ॥
ଜ୍ୟେଷ୍ଠ ଆଷାଢ଼ ଯେ ଶ୍ରାବଣ । ଭାଦ୍ରବ ମାସ ହୁଏ ପୁଣ ॥
କୃଷ୍ଣ ପ୍ରତିପଦା ତିଥିର । ଯେତେ ହୁଅଇ ରବିବାର ॥
ଖୁଦୁରୁକୁଣୀ ନାମେ ଓଷା । ହୋଇଲା ସେହି ଦିନ ନିଶା ॥

ରୁକ୍ମିଣୀ ଯୋଡ଼ି ବେନିକର । ବୋଇଲେ ଶୁଣ ଚକ୍ରଧର ॥
ଆଦିତ୍ୟବାର ଆଜି ହୁଏ । ହୋଇବ ମଙ୍ଗଳା ଓଷାଏ ॥
ଖୁଦୁରୁକୁଣୀ ନାମ ତାର । ପୂଜିଲେ ମଙ୍ଗଳ ଅପାର ॥
ସତ୍ୟଯୁଗରେ ଯେ ମଙ୍ଗଳା । ଝିଅଙ୍କୁ ପାଳି ଗିରିବାଳା ॥
ମାତାଙ୍କୁ ମାଗିଲେ ସେ ବର । ଏ ଓଷା ହୋଇବ ଆଦର ॥
ପ୍ରସନ୍ନ ହୁଅ ବର ଦେବା । ଅସ୍ତୁ ହୋଇଲେ ତାଙ୍କୁ ସର୍ବା ॥
ସେଦିନୁ ଏ ଓଷା ସମ୍ଭୂତ । ବାଳିକାମାନଙ୍କର ମତ ॥
ପ୍ରସନ୍ନ ବଦନା ମଙ୍ଗଳା । ବାଳିକାମାନଙ୍କର ଲୀଳା ॥
ଏଥିକୁ ଆଶ୍ରେ ହେଲେ ହରି । ପୂଜିବେ ସୁନ୍ଦେ ବାଳି ନାରୀ ॥
ଶ୍ରୀକୃଷ୍ଣ ବୋଇଲେ ମୃଗାକ୍ଷୀ । ପୂର୍ବରୁ ଯେବେ ବିଧି ଅଛି ॥
ଆମ୍ଭେ ତ ନ କରିବା ନାସ୍ତି । ବାଳିକା ଶ୍ରଦ୍ଧା ଯେ କରନ୍ତି ॥
ଶୁଣି ରୁକ୍ମିଣୀ ହେଲେ ତୋଷ । ଆଶ୍ରମେ ହୋଇଲେ ପ୍ରବେଶ ॥
ବିବିଧ ବର୍ଣ୍ଣେ ନାନା ପୁଷ୍ପ । ମଣ୍ଡିଲେ ଦାସୀ ଚଉପାଶ ॥
ଅନେକ ପୁଷ୍ପ ମାଳ ମାଳ । ରଚି ରୁକ୍ମିଣୀ ତତକାଳ ॥
ଲିପିଣ ମୁରୁଜ ପାଡ଼ିଲେ । ସୁବର୍ଣ୍ଣ କୁମ୍ଭ ବସାଇଲେ ॥
ସୁଫଳ ଆହରଣ କରି । ସୁବର୍ଣ୍ଣ ଡାଲୁଡ଼ାରେ ଭରି ॥
ଥୋଇଲେ ସକଳ ସନ୍ନିଧେ । ଅନେକ ଦୀପାବଳୀ ମଧେ ॥
ଯେତେକ ଓଷାର ଯେ ବିଧି । ଯେତେକ ଦ୍ରବ୍ୟ କଲେ ସିଦ୍ଧି ॥
ବସିଲେ ବାଳିକା ସୁନ୍ଦରୀ । ହସ୍ତରେ ପୁଷ୍ପାଞ୍ଜଳି ଧରି ॥
ଆବୋରି ବସିଲେ ସମସ୍ତେ । ଅଠର ବାଁଶ ଲୋକ ଯେତେ ॥
ଶ୍ରୀୟ ଶ୍ରୀମତୀ ମଧୁ ବାମା । ରୁକ୍ମଣୀ ଲୀଳା ସତ୍ୟଭାମା ॥
ଯେ ଲୀଳା ମାଳ ଯେ ଦୁଲ୍ଲଣା । ସୁକେଶୀ ଚଞ୍ଚଳା ଖଞ୍ଜନା ॥
ମରୁଆ ସେବତୀ କୁଙ୍କୁମା । ସରୁଆ ତୁଳସୀ ଉତ୍ତମା ॥
ପଦ୍ମା ଯେ ସେବତୀ ପାର୍ବତୀ । ବିମଳା ମଦନା ମାଳତୀ ॥
କପୋତୀ ହଂସ ଯେ ସୁମେଧା । ରମ୍ଭା ଶ୍ରୀକୃଷ୍ଣ ପ୍ରିୟା ରାଧା ॥
ଏମନ୍ତେ ଅନେକ ତରୁଣୀ । କେ ତାହା ପାରିବ ବଖାଣି ॥
ଦେବକୀ କୃଷ୍ଣର ଜନନୀ । ବସିଲେ ସବୁ ନାରୀ ଘେନି ॥

ବୃଦ୍ଧ ବାଳିକା ଯୁବା ନାରୀ । ବସିଲେ ମଙ୍ଗଳା ସୁମରି ॥
ଜୟ ତୁ ଜୟ ଗୋ ମଙ୍ଗଳା । ଭବାବ୍ଧୁ ବୁଡ଼ିବାର ଭେଳା ॥
ଜୟ ତୁ ମଙ୍ଗଳା ଉତ୍ତମ । ଆରତ ଭଞ୍ଜନୀ ତୋ ନାମ ॥
ସଙ୍କଟ ତାରିଣୀ ମଙ୍ଗଳା । ହୃଦେ ମନ୍ଦାର ପୁଷ୍ପମାଳା ॥
ପ୍ରସନ୍ନ ହୁଅ ମହାମାୟେ । ଆମ୍ଭଙ୍କୁ ହୁଅ ଗୋ ସଦୟେ ॥
ସଙ୍କଟ ତାରିଣୀ ମଙ୍ଗଳା । ଭବାବ୍ଧୁ ବୁଡ଼ିବାର ଭେଳା ॥
ହସ୍ତ ଯୋଡ଼ିଣ ସର୍ବନାରୀ । ବାଞ୍ଛା ସମସ୍ତେ ହୃଦେ କରି ॥
ଏଥୁ ଉତାରୁ ଶକ୍ରାବତୀ । ଶାଶୁଙ୍କୁ ବଚନ ବୋଲନ୍ତି ॥
କହ ଏ ଓଷା ବିଧି କଥା । ପୂର୍ବରୁ ଯେପରନ୍ତେ ବ୍ୟବସ୍ଥା ॥
ବଧୂ ବଚନେ କରି ଦୟା । କହନ୍ତି ବସୁଦେବ ପ୍ରିୟା ॥
ପ୍ରଥମେ ଜମ୍ବୁଦ୍ୱୀପେ ସାର । ବେଢ଼ିଛି ଲବଣ ସାଗର ॥
ଏ ପକ୍ଷେ ଦ୍ୱୀପେ ଶୁଦ୍ଧ ନୀର । ବେଢ଼ିଛି ବଳୟ ଆକାର ॥
ଦଧି ସମୁଦ୍ର ବାର ଦ୍ୱୀପେ । ଲବଣ ସମୁଦ୍ର ସମୀପେ ॥
ସୁରା ସମୁଦ୍ର ଯେ ତହିଁରେ । ବେଢ଼ିଛି ଚାରି ପାରୁଶରେ ॥
ରତ୍ନ ଦ୍ୱୀପରେ ସିନ୍ଧୁ ଶୁଣ । ବେଢ଼ିଛି ଯେସନେକ ପୁଣ ॥
ଦ୍ୱୀପଙ୍କ ମଧ୍ୟେ ଅଷ୍ଟ ଗିରି । ବେଢ଼ିଛି ମେରୁକୁ ଆବୋରି ॥
ଗିରିକି କେତେହେଁ ଅନ୍ତର । ଅଛଇ ଏକ ଦ୍ୱୀପାନ୍ତର ॥
ତହିଁରେ ରାଜା ତିଳଧ୍ୱଜ । ବହୁତ ଆୟତନ ରାଜ୍ୟ ॥
ସମସ୍ତ ଘରେ ଯେ କୁଶଳ । ଧର୍ମ ସ୍ଥାପିଣ ମହୀପାଳ ॥
ଭାରିଯାମାନେ ପତିବ୍ରତା । ନିଯୋଗ ଲୋକ ଯେ ଖଟନ୍ତ । ॥
ସଭାରେ ତାର ମିଛ ନାହିଁ । ରାଜ୍ୟକୁ ଶତ୍ରୁ ନ ଆସଇ ॥
ପରଜା ପାଳେ ପୁତ୍ର ଜାଣି । ଗୁହାରୀ ତତକାଳେ ଶୁଣି ॥
ମନ୍ତ୍ରୀର ନାମ ଗୁଣନିଧି । ପୁତ୍ରର ନାମ ତା ସୁବୁଦ୍ଧି ॥
ସେ ନଗ୍ର ବଡ଼ ଶୋଭାବନ । ଅଳକା ପୁରକୁ ସମାନ ॥
ବହୁତ ସାଧବ ଅଛନ୍ତି । ବୋଇତ ବାଣିଜ୍ୟ କରନ୍ତି ॥
ସେହି ବାଣିଜ୍ୟ ପରସାଦେ । ଜିଣନ୍ତି କୁବେରକୁ ବାଦେ ॥
ଯୋଇଲି ପିନ୍ଧେ ପାଟଶାଢ଼ୀ । ଆବର ହସ୍ତେ ସୁନାଚୁଡ଼ି ॥

ସାଧବମାନଙ୍କର ନାରୀ । ଶରୀର ସୁବର୍ଣ୍ଣ ଆବୋରି ॥
ଗରୁ ହୋଇବ ବୋଲି ଅଙ୍ଗ । ଅଳଙ୍କାରକୁ ମଣେ ସଙ୍ଗ ॥
ସ୍ଫଟିକ ପୀଢ଼ା ସର୍ବ ଘରେ । ପାଚଲ୍ଲମାନ ସ୍ଫଟିକରେ ॥
ସୁବର୍ଣ୍ଣ କଳସ ପୀଢ଼ାରେ । ପତାକା ଉଡ଼ଇ ସଧିରେ ॥
ଧନ୍ୟ ସେ ନଗର ଉତ୍ତମ । ସମସ୍ତ ଘର ଲୋକ ସମ ॥
ତହିଁରେ ଏକ ସାଧୁଘର । ତନୟବନ୍ତ ନାମ ତାର ॥
ପତ୍ନୀର ନାମ ଶକୁନ୍ତଳା । ଜନ୍ମ ସେ କଲା ସପ୍ତବାଳା ॥
ଝିଅର ନାମ ତଅପୋଇ । ସବୁହିଁ ଦୁଲଣୀ ଅଟଇ ॥
ସାଧବ ବଡ଼ ଧନେଶ୍ୱର । ବୋଇତ ସାତ ଖଣ୍ଡ ତାର ॥
ସାତ ପୁଅରେ ସାତ ବୋହୂ । ସମସ୍ତେ ସୁନ୍ଦରୀ ସବୁହିଁ ॥
ଖେଳନ୍ତି ସୁନାରେ ରୂପାରେ । ଶୁଅନ୍ତି ଖଟ ପଲଙ୍କରେ ॥
ଏକଦିନରେ ତଅପୋଇ । ଖେଳିଣ ଗଲା ସାଙ୍ଗ ପାଇ ॥
ମନ୍ତ୍ରୀର ଝିଅ ସଙ୍ଗେ ମିତ । ଯାବର ଅନେକ ସଙ୍ଗାତ ॥
ଖେଳିବ ଘେନି ସଙ୍ଗାତକୁ । ବୟସ ପାଞ୍ଚ ସିନା ତାକୁ ॥
ଏକ ବ୍ରାହ୍ମଣୀ ରାଣ୍ଡୀ ଆସି । ଝିଅ ଖେଳିଲା ଘରେ ପଶି ॥
ବୋଇଲେ ତଅପୋଇ ଶୀଏ । ବାପାଙ୍କର ଯେ ଏକ ଝିଅ ॥
ପୁଅମାନଙ୍କଠାରୁ ସାନ । ମାଆ ବାପାଙ୍କର ଜୀବନ ॥
କରିଛୁ ବାଂଶର କୁଲାଇ । ଧରିଛୁ ବାଂଶର ଟୋକାଇ ॥
ତୋ ପରା ହୋଇଥିଲେ ମୁହିଁ । ଗଢ଼ାନ୍ତି ସୁବର୍ଣ୍ଣ କୁଲାଇ ॥
ବାପା ମାଆଙ୍କୁ କରି ଦ୍ୱନ୍ଦ୍ୱ । ଗଢ଼ାନ୍ତି ସୁବର୍ଣ୍ଣର ଚାନ୍ଦ ॥
ତୁ ହାବେ ହୋଇଅଛୁ ଯାହା । ତୋତେ କି ନ ମିଳିବ ତାହା ॥
ଦେଖ ଏମନ୍ତ ଛେମାଦେଇ । ଘେନିଛୁ ବାଂଶର କୁଲାଇ ॥
ଏ ଯେତେ ସାଧବଙ୍କ ବାଳି । ଖେଳନ୍ତି ସୁନାର ଚାଙ୍ଗୁଡ଼ି ॥
ଏତକ କହି ରାଣ୍ଡୀ ଗଲା । ତିମିର ପ୍ରବେଶ ହୋଇଲା ॥
ଖେଳ ଭାଙ୍ଗିଣ ସର୍ବ ବାଳି । ନିଜ ମନ୍ଦିରେ ଗଲେ ଚଳି ॥
ବିରସେ ତଅପୋଇ ଗଲା । ଗମ୍ଭୀର ଭିତରେ ପଶିଲା ॥
କବାଟ କିଳି ମୁହଁ ମାଡ଼ି । ଶୋଇଲା ରତ୍ନ ଖଟେ ପଡ଼ି ॥

ସମସ୍ତେ ଭୁଞ୍ଜିଣ ବସିଲେ । ଝିଅକୁ ବାପା ସଙ୍ଖୋଳିଲେ ॥
ମାଏ ବୋଇଲେ ଆସି ନାହିଁ । ଏତେ ରାତ୍ରରେ ଥିବ କାହିଁ ॥
କହଇ ସାନବୋହୂ ଯାଇ । ଅଛନ୍ତି ଗମ୍ଭାରରେ ଶୋଇ ॥
ସାଧବ ଫେଡ଼ିଲା କବାଟ । ବସିଲା ଯାଇ ଉଦ୍ଧୁଖଟ ॥
ବୋଇଲେ କାହିଁପାଇଁ ମାଏ । ଶୋଇଛୁ ରୁଷିଲା ପରାୟେ ॥
ଗଢ଼ାଇଦେବି ଭାଙ୍ଗିଥିଲେ । ଖୋଜାଇଦେବି ହଜିଥିଲେ ॥
ଧୋବଣି ଧୋବା ନ ଖଟିଲା । ତାମ୍ବୁଲି ପାନ କି ନ ଦେଲା ॥
ଗଭା କି ନ ଦେଇଛି ମାଳି । କିଏବା ତୋତେ ଦେଲାଗାଳି ॥
ତୋତେ କି ବିଭା କରାଇବା । କାହିଁକି ରୁଷିଅଛୁ ଅବା ॥
କଥା ନ କହି କିମ୍ପା ମୋରେ । ରୁଷିଛୁ କେଉଁ ନିମନ୍ତରେ ॥
ତାଙ୍କୁ ନ ଶୁଣେ ତଅପୋଇ । ଶୋଇଛି ମାନବର ହୋଇ ॥
ସପତ ଭାଇ ଉଠାଇଲେ । ମାତାହିଁ ଅନେକ କହିଲେ ॥
କେବେହେଁ ନ ଉଠଇ ବାଳି । କୁଟୁମ୍ବଯାକ ମନେ ଭାଳି ॥
ନିଳେନ୍ଦ୍ରି ନାମେ ସାନ ବୋହୂ । ତଅପୋଇର ପ୍ରିୟ ସେହୁ ॥
ସେ ବୋହୂ ଅନେକ ବୁଝିଲା । ନ ଉଠି ବଚନ ବୋଇଲା ॥
କହ ମୋ ପିତାର ଅଗ୍ରତେ । ସୁବର୍ଣ୍ଣ ଚାନ୍ଦ ଦେଉ ମୋତେ ॥
ନ ଦେଲେ ନ ଖାଇବି ଭାତ । ତୋ ଆଗେ କହୁଅଛି ସତ ॥
ଶୁଣି ସମସ୍ତେ ତୋଷ ହେଲେ । ଝିଅକୁ ପିଅର କହିଲେ ॥
ଏ ଛାର କଥାକୁ ଗୋ ମାଏ । ରୁଷିଛୁ ନ ମିଳିଲା ପ୍ରାୟେ ॥
କାଲି ଭିତରେ ଗଢ଼ାଇବି । ପନ୍ଦର ଦିନେ ଚାନ୍ଦ ଦେବି ॥
ଶୁଣି ଉସତ ତଅପୋଇ । ବସିଲା ମାତା କୋଳେଯାଇ ॥
ଏମନ୍ତ ରଜନୀ ପାହିଲା । ସାଧବ ବିନ୍ଧାଣି ଆଣିଲା ॥
ସାଧବ ସାଧବାଣୀ ବସି । ଗଢ଼ାନ୍ତି ସୁବର୍ଣ୍ଣର ଶଶି ॥
ତାଗି ପାହୁଣେ ଶୋହେ ହୀରା । ଚନ୍ଦ୍ରକୁ ବେଢ଼ି ଯେହ୍ନେ ତାରା ॥
ଏମନ୍ତେ କେତେ ଦିନ ଗଲା । ସାଧବ ଅଧା ଚାନ୍ଦେ ମଲା ॥
ମାତାହିଁ ପୂର୍ଣ୍ଣ ଚାନ୍ଦେ ମଲେ । ସମସ୍ତ କୁଟୁମ୍ବ କାନ୍ଦିଲେ ॥

କିଛି ଦିନରେ କ୍ରିୟା ସାରି । ବ୍ରାହ୍ମଣେ ଜଉତିଷେ ବରି ॥
ଏମନ୍ତେ କେତେ ଦିନ ଗଲା । ବୋଇତ ପଦାର୍ଥ ସରିଲା ॥
ସେଦିନ ଦେଖି ସାଧୁମାନେ । ହରଷ ହେଲେ ନିଜ ମନେ ॥
ସମୁଦ୍ରେ ବୋଇତ ମେଲିଲେ । ସପତ ବୋହୂଙ୍କୁ ଡାକିଲେ ॥
ବୋଇତେ ଯାଉଅଛୁ ଆମ୍ଭେ । ଘର ସମ୍ଭାଳିଥିବ ତୁମ୍ଭେ ॥
ଦେଖ ଏ ଦଇବର କୃତ୍ୟ । ପିତା ସଙ୍ଗତେ ଗଲେ ମାତ ॥
ଯେମନ୍ତେ ଝିଅ ନ ଝୁରିବ । ତେମନ୍ତେ ସେବା କରୁଥିବ ॥
ଭୋଜନ କରାଇବ ଆଣି । କହି ଅପୂର୍ବ ରସବାଣୀ ॥
ଦୋଳିରେ ଦୋଳି ପଣ୍ଡାଇବ । ନିମିଷେ ହେଳା ନ କରିବ ॥
ଶୁଣି ବୋଲନ୍ତି ସାତ ଯାଏ । ଝିଅଙ୍କୁ ନାହିଁ କିଛି ଭୟେ ॥
ନିରନ୍ତେ ସେବା କରୁଥିବୁ । କ୍ଷଣେହେଁ ହେଳା ନ କରିବୁ ॥
ତୁମ୍ଭଙ୍କୁ ଦେଖି କରି ଆମ୍ଭେ । କେଳିରେ ରହିଥିବୁ ଦମ୍ଭେ ॥
ଯେବେ ଯାଉଛ ବାଣିଜ୍ୟରେ । ଆଣିଥିବଟି ଅଳଙ୍କାରେ ॥
କେ ବୋଲେ ମୋର ସୁନାଚୁଡ଼ି । ଆଣିଥିବଟି ରତ୍ନ ଜଡ଼ି ॥
କେ ବୋଲେ ହୀରାର ବସଣି । ମୋହର ପାଇଁ ଥିବ ଆଣି ॥
କେ ବୋଲେ ସୁବର୍ଣ୍ଣ କଙ୍କଣ । ଆଣିଥିବ ମୋହ ନିମନ୍ତେଣ ॥
କେ ବୋଲେ ଅସ୍ତଣିହୁ ତାରା । କେ ବୋଲେ ଖଞ୍ଜାମୋତିହୀରା ॥
କେ ବୋଲେ ହୀରା ମଲ୍ଲୀ କଢ଼ି । ଉତ୍ତମ ରୂପେ ଥିବ ଗଢ଼ି ॥
ଭାଉଜ୍ଜି ବୋଲେ ତଅପୋଇ । ମୋ ପାଇଁ ହୀରାର କଣ୍ଠାଇ ॥
କେ ବୋଲେ ବସନ୍ତ ପତନୀ । ମୋହର ପାଇଁ ଥିବ ଆଣି ॥
ଏମନ୍ତ ଶୁଣି ସାତ ଭାଇ । ତକେ ବୋଇତ ଗଲେ ବାହି ॥
ଏମନ୍ତେ କେତେ ଦିନ ଗଲା । ବୋଇତ ସେ ରାଜ୍ୟେ ଲାଗିଲା ॥
କୁଶଳେ ରହିଲେ ସେ ଯାଇ । କୁଶଳ ଦ୍ୱୀପ ସେ ବୋଲାଇ ॥
କହନ୍ତି ପ୍ରଭୁ ଚକ୍ରପାଣି । ଶୁଣି ସନ୍ତୋଷ ଠାକୁରାଣୀ ॥
ସମସ୍ତେ ଦେଲେ ହୁଳହୁଳି । ଯୁବା ତରୁଣୀ ବୃଦ୍ଧ ମିଳି ॥
ମଙ୍ଗଳା ନାମ ଉଚ୍ଚାରିଲେ । କର ଅଞ୍ଜଳି ଶିରେ ଦେଲେ ॥

ଯେ ଯାର ଉପଚାର ବିଧି । ପୂଜି କାମନା କଲେ ସିଦ୍ଧି ।।
କହନ୍ତି ଦାସ ଗୋପିନାଥ । କୃଷ୍ଣ ଚରଣେ ମୋର ମାଥ ।।
ପ୍ରଥମ ପାଳି ଅଧା ଶେଷ । କାମିନୀଗଣେ ହେଲେ ତୋଷ ।।
ଚଳିଲେ ଯେ ଯାହା ସଦନେ । ମଙ୍ଗଳା ନାମ କରି ଧାନେ ।।

ଇତି ଶ୍ରୀକୃଷ୍ଣ ରୁକ୍ମିଣୀ ସତ୍ୟଭାମା ଉକ୍ତୌ ନାମ ପ୍ରଥମୋଽଧ୍ୟାୟଃ ।

**

## ଦ୍ୱିତୀୟ ଅଧ୍ୟାୟ

ଏଥିଉତ୍ତାରୁ ଏବେ ଶୁଣ । କହନ୍ତି ପ୍ରଭୁ ନାରାୟଣ ।।
ରଙ୍ଗ ଅଧରେ ମନ୍ଦ ହସି । ରୁକ୍ମଣୀ ମୁଖ ଚାହିଁ ଭାଷି ।।
ବୋଲନ୍ତି ଆରେ ପ୍ରିୟତମା । ତଅପୋଇର ଏ ମହିମା ।।
ଶୁଣିଲୁଟିକି ପ୍ରିୟସହି । ପୂର୍ବେ ଆଗେ କହିଲଇଁ ମୁହିଁ ।।
ସତ୍ୟଭାମା ଯେ ପାଶେ ଥିଲେ । କରଯୋଡ଼ିଣ ଜଣାଇଲେ ।।
ବୋଇଲେ କହ ଏ ବିଧାନ । ଶୁଣି ଶରଧା ମୋର ମନ ।।
ସତ୍ୟଭାମାର ବୋଲ ଶୁଣି । କହନ୍ତି ପ୍ରଭୁ ଚକ୍ରପାଣି ।।
ତନୟ ସାଧବ କୁମରେ । ଗଲେ ବୋଇତ ବାଣିଜ୍ୟରେ ।।
ଲାଗିଲା ଏକ ଦ୍ୱୀପାନ୍ତରେ । ସୁଖେଣ ବିକାକିଣା କଲେ ।।
କିଣିଲେ ଅଳଙ୍କାରମାନ । ରହିଲେ ତହିଁ କିଛି ଦିନ ।।
ଏଥୁ ଉତ୍ତାରୁ ଶୀତ ଯାଏ । ଘର ସମାଳ ଦିନ ନିଏ ।।
ତଅପୋଇକି ପାଳିଥାନ୍ତି । କ୍ଷଣେହେଁ ହେଳା ନ କରନ୍ତି ।।
ସେବା କରିଣଥାନ୍ତି ନିତି । ଦେଖ ଗୋ ଦଇବର ଗତି ।।
ସେତ ସ୍ୱର୍ଗର ଅପସରୀ । ମର୍ତ୍ତ୍ୟେ ମନୁଷ୍ୟ ରୂପ ଧରି ।।
ସୁନ୍ଦର ପଣେ ମନୋହର । ଦେଖି ଭୁଲିବେ ସୁର, ନର ।।
ମୁଖ ଦିଶଇ ଚନ୍ଦ୍ର ଜିଣି । ତିଳ କୁସୁମ ନାସାମଣି ।।
ଅଧର ପକ୍ୱ ବିମ୍ବଫଳ । ଖଞ୍ଜନ ନୟନ ଚଞ୍ଚଳ ।।
କୁମ୍ଭକାକୃତି କଣ୍ଠ ଦେଶ । ନୀଳ ଚାମର ପ୍ରାୟ କେଶ ।।
କୋକିଳ ପ୍ରାୟେ କହେ ବାଣୀ । ଅଙ୍ଗୁଳି ଚମ୍ପାକଢ଼ି ଜିଣି ।।

ଚରଣ ରଙ୍ଗ ଅରବିନ୍ଦ । ବେଢ଼ିଣ ଥାନ୍ତି ଷଟପଦ ।।
ଏମନ୍ତେ ତଅପୋଇ ବାଳା । ତାହାର ସପତଣି ଲୀଳା ।।
ଏହି ସମୟେ କାଳ ଜାଣି । ସ୍ୱର୍ଗରୁ ଆଇଲା ରମଣୀ ।।
ସାଧବ ଦ୍ୱାରେ ସେ ମିଳିଲା । କପଟେ ଭିକ୍ଷା ସେ ମାଗିଲା ।।
ରାଣ୍ଡୀ ବ୍ରାହ୍ମଣୀ ରୂପଧାରୀ । ଦେଖିଲା ସାଧବର ନାରୀ ।।
ସର୍ବେ ଦେଖିଣ ତାରେ ଧାଇଁ । ମାୟାରେ କିଛି ନ ଦିଶଇ ।।
ତାହାର ଡାକ ଶୁଣି କର୍ଣ୍ଣେ । କେହି ନ ବୋଇଲେ ବଚନେ ।।
ବୋଇଲେ ଭିକ୍ଷା ଦିଅ ମାୟେ । କି କରୁଅଛ ସାତ ଯାଏ ।।
ରାଣ୍ଡୀ ବ୍ରାହ୍ମଣୀ ବୋଲ ଶୁଣି । ସମସ୍ତେ ବୋଲୁଛନ୍ତି ବାଣୀ ।।
କେ ବୋଲେ କୁଙ୍କୁମ ଲିପୁଛି । କେ ବୋଲେ ଗଭା ବାନ୍ଧୁଅଛି ।।
କେ ବୋଲେ ଭାଙ୍ଗୁଅଛି ଗୁଆ । ବ୍ରାହ୍ମଣୀ କ୍ଷଣେ ହୁଅ ଠିଆ ।।
ଯେ ଯେଉଁ ରୂପେ କରୁଥିଲେ । ସମସ୍ତେ ସେପରି କହିଲେ ।।
ବ୍ରାହ୍ମଣୀ ବୋଲେ ତାହା ଶୁଣି । କାହାକୁ ନିଯୋଗ ଲୋ ପୁଣି ।।
ଏମନ୍ତ ବୋଲି ଦେଲା ଚାହିଁ । ଦୋଳିରେ ଅଛି ତଅପୋଇ ।।
ବ୍ରାହ୍ମଣୀ ବୋଲଇ ଉତ୍ତର । ଏ କିସି ହୁଅନ୍ତି ତୁମର ।।
ହରଷେ ବୋଲି ସବୁ ଯାଏ । ଆମ୍ଭର ନଣନ୍ଦ ଗୋ ହୁଏ ।।
ବ୍ରାହ୍ମଣୀ ଶୁଣି ବୋଲେ ବାଣୀ । ତୁମ୍ଭେ ଲୋ ନିର୍ଲ୍ଲଜ ତରୁଣୀ ।।
କନିଷ୍ଠ ନଣନ୍ଦ ଛାଗିକୁ । ଶତ୍ରୁ ରଖିଛ ଉପରକୁ ।।
ବସିଛି ଦୋଳିର ଉପର । କିମ୍ପା ଏହାକୁ ସେବାକର ।।
ଏକାଳେ ମଣୁଅଛ ଭଲ । ପଛକୁ ପାଇବଟି ସଲ ।।
ଭାଇମାନଙ୍କୁ ଖତ କହି । ଅନେକ ଶାସ୍ତି ଦେବ ଏହି ।।
ବେଳହୁଁ ନକର ଉପାୟ । ପଛକୁ ନଥିବ ଗୋ ଭୟ ।।
ଛେଳି ରଖାଅ ବନସ୍ତରେ । ମରାଅ ବ୍ୟାଘ୍ର ଭଲ୍ଲୁକରେ ।।
ନୋହିଲେ ନିଶ୍ଚୟ ମରିବ । ଏମନ୍ତେ ଯେବେ ନ କରିବ ।।
ଭଲ ସମୟ ଅଛି ହୋଇ । ଘରେ ନାହାନ୍ତି ସାତ ଭାଇ ।।
ଏ କଥା ଯାହା ସେ କହିଲା । ସବୁରି ମନକୁ ଆଇଲା ।।

ନିଳେନ୍ଦ୍ରି ନାମେ ସାନବୋହୁ । ତଅପୋଇର ପ୍ରିୟ ସେହୁ ॥
ମୋ ମନେ ଯେଉଁ କଥା ଅଛି । ତୁ ଏକା ହୋଇଥିବୁ ସାକ୍ଷୀ ॥
ସେ ବୋହୁ ଏମନ୍ତ ଚିନ୍ତିଲା । ଏମନ୍ତେ କେତେ ଦିନ ଗଲା ॥
ନ ଦେଲେ ସୁଗନ୍ଧ ଚନ୍ଦନ । ନ ଦେଲେ ଅଳଙ୍କାରମାନ ॥
ମୁଣ୍ଡକୁ ନ ଦେଲେ ଯେ ତେଲ । ନ ଦେଲେ ପିନ୍ଧିବାକୁ ଭଲ ॥
ବସାଇ ନ ଦେଲେ ଯେ ଦୋଳି । ଆବର ଜଗାଇଲେ ଛେଳି ॥
ଅନେକ ଦୁଃଖେ ତଅପୋଇ । ବନସ୍ତେ ଛେଳି ଜଗିଥାଇ ॥
କହଇ ବଡ଼ବୋହୁ ପୁଣି । ହଜିବ ଯେବେ ଘରମଣି ॥
ଛେଳିର ନାମ ଘରମଣି । ତେଣୁ ଡିଆରେ ମହାମାନୀ ॥
ମୁଖେ ଲଗାଇ ଚୁନକାଳି । କାଟିବ ନାକର ବଉଳି ॥
ଛିଣ୍ଡା ଟୋକେଇ ଖଣ୍ଡେ ନେଲା । ଉପରେ ପତର ଢୁଙ୍କିଲା ॥
ତଳରେ ମୁଣ୍ଡା ମାଟି ଭରି । ପତ୍ରରେ ଭାତ ଗୋଟା ଚାରି ॥
ପାଉଁଶ ଲୁଣ ବୋଲି ନେଲା । ପତର ଘୋଡ଼ାଇଣ ଦେଲା ॥
ଘେନିଣ ତଅପୋଇ ଚଳି । ବନରେ ଚରାଇଲା ଛେଳି ॥
ଭୋକେଣ ଟୋକେଇ ପେଡ଼ିଲା । ମାଟି ଦେଖିଣ ପିଙ୍ଗିଦେଲା ॥
ନିତ୍ୟରେ ଛଅ ବୋହୂମାନେ । ଏହି ପ୍ରକାରେ ଦିନେ ଦିନେ ॥
ସାନ ବୋହୂର ପାଳି ଦିନେ । ବହୁତ ଦେଇଥାଇ ଅନ୍ନ ॥
ତିଅଣ ଲୁଣ ଦେଇଥାଇ । ସେଦିନ ହସି ସୁଖେ ଖାଇ ॥
ଏମନ୍ତେ କେତେ ଦିନ ଗଲା । ଭାଦ୍ରବ ମାସ ଯେ ହୋଇଲା ॥
ବନରେ ବସି ତଅପୋଇ । କଷ୍ଟେଣ ଛେଳି ରଖିଥାଇ ॥
ବରଷା ବେଳେ ଘରମଣି । ହଜିଲା ବନସ୍ତରେ ପୁଣି ॥
ଘରକୁ ସବୁ ଛେଳି ଗଲେ । ଗୁହାଳ ଭିତରେ ପଶିଲେ ॥
ମାଇଲୁ ମୋର ଛେଳି ଗୋଟି । ହଜାଇ ଅଛୁ ନାକ କାଟି ॥
ନଇଲେ ନାକ ଯେ କାଟିବି । ଘରୁ ବାହାର କରିଦେବି ॥
ଏଥି ଉଛାରୁ ତଅପୋଇ । ନିରବେ ଛେଳି ଖୋଜି ଯାଇ ॥
ଆଡ଼ୁ ଉହାଡ଼ୁ ଲତାତଳ । ଖୋଜେ କଣ୍ଟକ କଣ୍ଟାମାଳ ॥

ସମସ୍ତ ଠାବ ସେ ବୁଲିଲା । ନ ପାଇ ଡାଟକା ହୋଇଲା ॥
ନିଶି ହୋଇଲା ଘଡ଼ି ଦୁଇ । ଅନ୍ଧାରେ ପଥ ନ ଦିଶଇ ॥
ଯୋଗେ ସେ ଦିନ ରବିବାର । ଖୁଦୁରୁକୁଣୀ ଓଷା ସାର ॥
କୋଠିରେ ବାଳ ଝିଅ ମିଳି । ଦେଉଅଛନ୍ତି ହୁଳହୁଳି ॥
ତାହା ଶୁଣିଲା ତଅପୋଇ । କୋଠିରେ ମିଳିଲା ସେ ଯାଇଁ ॥
ବୋଇଲା ନାରୀମାନେ ଶୁଣ । ଏ ଓଷା କଲେ କେଉଁ ଗୁଣ ॥
ଶୁଣି ବୋଲନ୍ତି ବାଳ ଝିଅ । ଏ ଓଷା ପାଞ୍ଚ ପାଳି ହୁଏ ॥
ଖୁଦୁରୁକୁଣୀ ଏ ଅଟଇ । ଯାହା ମାଗିବ ତାହା ପାଇ ॥
ଏଥିରେ ଦେବତା ମଙ୍ଗଳା । ରଖନ୍ତି ବୁଡ଼ିବାର ବେଳା ॥
ଏମନ୍ତେ ଶୁଣି ତଅପୋଇ । ମନରେ ଆନନ୍ଦ ହୁଅଇ ॥
ବୋଇଲା ଏ ଓଷା କରିବି । ହଜିଲା ଛେଳିକି ପାଇବି ॥
ତଅପୋଇକି ବସାଇଲେ । ସମସ୍ତ ଫଳ ଦେଇ ଦେଲେ ॥
ବସିଲା ସାଧବର ବାଳୀ । ମନରେ ମଙ୍ଗଳା ସୁମରି ॥
ମାଗୋ ମଙ୍ଗଳା ତୁ କାମାକ୍ଷୀ । ତୋ ତେ ମୁଁ ସେବା କରୁଅଛି ॥
ଛେଳିକି ପାଇବି ମୁଁ ଯେବେ । ମୋହର ବାଞ୍ଛା ସିଦ୍ଧି ତେବେ ॥
ଏମନ୍ତ ବିଚାରି ମନରେ । ଛେଳି ନିମନ୍ତେ ଗଲା ଖରେ ॥
ବାଟେ ଭେଟିଲା ଘରମଣି । ନିଶ୍ଚିନ୍ତ ହୋଇଲା ତକ୍ଷଣି ॥
ମନରେ ବାଞ୍ଛା ସିଦ୍ଧିଲା । ଛେଳିକି ନେଇଣ ରଖିଲା ॥
ଏଥିଉତ୍ତାରୁ ସାଧୁ ବାଳୀ । ଘରମଣିକି ନେଇ ଚଳି ॥
ଘରକୁ ଅଡ଼ାଇଣ ନେଲା । ଗୁହାଳ ଭିତରେ ଛାଡ଼ିଲା ॥
ବସିଲା ବହନ୍ତିରେ ଯାଇଁ । ଦେହକୁ ଶୀତଳ କରାଇ ॥
ଏ ଅନ୍ତେ ବଡ଼ବୋହୂ ଆସି । ଦେଖିଲା ଦ୍ୱାରେ ଅଛି ବସି ॥
ବୋଇଲା କାଲି କାହିଁ ଥିଲୁ । ଛେଳିକି ମୋର ହଜାଇଲୁ ॥
ପଢ଼ିଣ ଥାନ୍ତୁ ଯେବେ ଭେଟ । ପିଟନ୍ତି ତେନ୍ତୁଳିର ଛାଟ ॥
ଏମନ୍ତ ଶୁଣି ତଅପୋଇ । ଉତରେଣ ବଚନ ବୋଲଇ ॥
ଛେଳିକି ଆଣିଲି ହେ ଖୋଜି । ବରଷା ବେଳେ ଥିଲା ହଜି ॥
ବୋଲଇ ବଡ଼ ବୋହୂ ପୁଣି । ବହନ ଛେଳି ଯାଅ ଘେନି ॥

ସକାଳୁ ଭାତ ବଢ଼ା ହୋଇ । ଥୁଆ ହୋଇଛି ତୋହପାଇଁ ॥
ରାତ୍ର ପାହିଲା ଘେନିଯାଅ । ଛେଳିକି ବହନ ଚରାଅ ॥
ତା ଶୁଣି ତଅପୋଇ ଗଲା । ଗୁହାଳ ଭିତରେ ପଶିଲା ॥
ଛେଳି ପଲଙ୍କୁ ଅଡ଼ାଇଲା । ବନରେ ନେଇ ଚରାଇଲା ॥
ବେଳ ବୁଡ଼ିଲା ବନସ୍ତର । ଅନ୍ଧାରେ ନ ଦିଶେ ଦୁଆର ॥
ଏମନ୍ତ କେତେ ଦିନ ଗଲା । ଖୁଦୁରୁକୁଣୀ ଓଷା ହେଲା ॥
ଭାଳଇ ତଅପୋଇ ବାଳୀ । ପାଳଛି ହଜିଲାର ଛେଳି ॥
ଏମନ୍ତ ପାଣ୍ଠି ପାଳି ଗଲା । ସଖିଙ୍କ ସଙ୍ଗତେ ମିଳିଲା ॥
ଖୁଦ୍‌କୁଣ୍ଡାରେ ପିଠା କରି । ଖୁଦ ତଣ୍ଡୁଳ ଯୁର କରି ॥
ସଖିଙ୍କି ମାଗିଲା ବହନ । ଫଳ ଫୁଲର ପିଠାମାନ ॥
ଓଷା କୋଠିରେ ଯାଇ ବସି । ଭାଇଙ୍କୁ ଶୁଭ ସେ ମନାସି ॥
ବୋଇଲା ମଙ୍ଗଳା ଉଦାର । ମୋର ସଙ୍କଟୁ ପାରି କର ॥
ବରବରଷ ହେଲା ଗଲେ । ଆପଣା ରାଜ୍ୟକୁ ନଇଲେ ॥
ଅସାର ସ୍ୱପନ ଦେଖିଲି । ତେଣୁ ତୁମ୍ଭଙ୍କୁ ଆଶ୍ରାକଲି ॥
ଭୋ ଦେବୀ ମଙ୍ଗଳା ଗୋସାଇଁ । ଶୁଭେ ଆସିବେ ସାତ ଭାଇ ॥
ଦେଖିବି ବେନି ନୟନରେ । ପ୍ରବେଶ ହୋଇଲେ ମନ୍ଦିରେ ॥
ଏମନ୍ତ ବାଞ୍ଛା କରି ବାଳି । କରେ ଘେନିଲା ଦୀପାବଳୀ ॥
ସମସ୍ତେ ହୁଳହୁଳି ଦେଲେ । ମଙ୍ଗଳା ନାମ ସୁମରିଲେ ॥
ଏମନ୍ତେ ଓଷା ପୂଜା ସାରି । ଯେ ଯାହା ମନ୍ଦିରକୁ ଚଳି ॥
କହଇ ଗୋପିନାଥ ଦାସ । ଦୟା କରିବେ ପୀତବାସ ॥

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସତ୍ୟଭାମା ଉକ୍ତୌ ତଅପୋଇ
ମନୋରଥ ପ୍ରାପ୍ତ ଉଚ୍ଚାରଣେ ନାମ ଦ୍ୱିତୀୟୋଽଧ୍ୟାୟଃ ।

**

## ତୃତୀୟ ଅଧ୍ୟାୟ

ଏଥୁ ଅନନ୍ତରେ ଶୁଣ । ଯେ ଯାହା ପୂର୍ବର କଥଣ ॥
ସେ କଥା ଆନ ଯେ ନୁହଇ । ଦଇବ ଯୋଗେ ଭୋଗହୋଇ ॥
ପ୍ରଭାତେ ତଅପୋଇ ବାଳି । ସ୍ନାନ ସାରିଣ ନେଲା ଛେଳି ॥

ଦେଇଛି ବଡ଼ ବୋହୂ ଭାତ । ଫେଡ଼ିଣ ଦେଖିଲା ତୁରିତ ॥
ତଳରେ ଅଛି ମୂଷା ମାଟି । ଉପରେ ଭାତ ଚାରିଗୋଟି ॥
ପାଉଁଶ ବୋଲି ଲୁଣ ନାହିଁ । ତିଅଣ ଅବା ଥିବ କାହିଁ ॥
ଏହା ଦେଖିଣ ତଅପୋଇ । ଉଚ୍ଛେଣ ଉଠିଲା ବୋବାଇ ॥
ପିଅର ଅଧା ଉଦେ ମଲେ । ମାତାହିଁ ପୁରାଉଦେ ମଲେ ॥
ବୋଇତେ ସାତ ଭାଇ ଗଲେ । ଭାଉଜେ ଏତେ କଷ୍ଟ ଦେଲେ ॥
ନିଶ୍ଚେ ଏ ବନରେ ମରିବି । ଘରକୁ ଆଉ କିମ୍ପା ଯିବି ॥
ଏମନ୍ତ କହି କାନ୍ଦେ ବାଳି । ଶବଦେ ବନସ୍ତ ଉଚ୍ଛୁଳି ॥
ଦେଖି ବିଧାତା ଘଟସୂତ୍ର । ଦେଶେ ସାଧବ ସାତପୁତ୍ର ॥
ବୋଇତ ଘେନି ଆସି କୂଳେ । କାନ୍ଦଣା ଶବଦ ଶୁଣିଲେ ॥
ନିକଟେ କାନ୍ଦୁଅଛି ବାଳି । ତୁଣ୍ଡ ଛାଡ଼ିଣ ମନେ ଭାଳି ॥
ତଅପୋଇର ତୁଣ୍ଡ ପ୍ରାୟେ । ଶୁଭଇ ଅରଣ୍ୟ ଲତାଏ ॥
ଶୁଣି କନିଷ୍ଠ ଭାଇ ଗଲା । ଅରଣ୍ୟ ଭିତରେ ପଶିଲା ॥
ଶିଆଳି ଲତା ତଳେ ଯାଇ । ରୋଦନ କରେ ତଅପୋଇ ॥
ରଜନୀ ଅର୍ଦ୍ଧ ଅଛି ହୋଇ । ଦେଖି ସାଧବ ପୁତ୍ର ଯାଇ ॥
କିଏ ତୁ ଭଲେଣ ଗୋ କହ । ତଅପୋଇର କମ୍ପେ ଦେହ ॥
କାହାର ଅଟୁ ତୁ କେଉଁ ବଂଶ । ନାମ ତୋହର ଅଟେ କିସ ॥
ଏମନ୍ତ ଶୁଣି ତଅପୋଇ । ନ କାନ୍ଦି ସମ୍ଭାଳି କହଇ ॥
ନ ଜାଣେ ଭାଇ ବୋଲି କରି । ଉଭା ହୋଇଲା ମନେ ଡରି ॥
ବୋଇଲା କେ ତୁମ୍ଭେ ଗୋସାଇଁ । ନିରଣ୍ଡ ପ୍ରାଣୀ ମୁଁ ଅଟଇ ॥
ମୋର ପିତାଙ୍କ ନାମ ସାହୁ । ସାତ ପୁଅରେ ସାତ ବୋହୂ ॥
ବୋଇତ ସାତଖଣ୍ଡ ତାର । ସେ ଅଟେ ମୋହର ପିଅର ॥
ମୋହର ନାମ ତଅପୋଇ । କହିଲେ କଷ୍ଟ ନ ସରଇ ॥
ଭାଇ ଯେ ଗଲେ ବୋଇତରେ । ଭାଉଜେ କଷ୍ଟ ଦେଲେ ମୋରେ ॥
ଅନେକ ମତେ ଦେଲେ ଗାଳି । ବନସ୍ତେ ଜଗାଇଲେ ଛେଳି ॥
ମନେ ପଡ଼ିଲେ ଭାଇମାନେ । ରୋଦନ କରୁଅଛି ବନେ ॥

ଶୁଣ ହେ ମାତ ତଅପୋଇ । ବୋଇତ ଘେନି ସାତ ଭାଇ ॥
ଆସିଲୁ ଏହି ନିକଟରେ । ରୋଦନ ଶୁଣିଲୁ ସେଠାରେ ॥
ମୋତେ ପେଶିଲେ ଜ୍ୟେଷ୍ଠ ଭାଇ । ବୋଇତେଛନ୍ତି ଦେଖ ଯାଇ ॥
ତେଣୁ ମୁଁ ଏଠାକୁ ଅଇଲି । ଅରଣ୍ୟେ ତୋତେ ମୁଁ ଦେଖିଲି ॥
ଏବେ ଗୋ ମାଏ ଚାଲ ଯିବା । ଭାଇଙ୍କୁ ସମସ୍ତ କହିବା ॥
ଶୁଣି ଆନନ୍ଦ ତଅପୋଇ । ଅନ୍ଧ କି ଚକ୍ଷୁ ଦାନ ପାଇ ॥
ଚାତକ ପିଇଲା କି ନୀର । ଚନ୍ଦ୍ର କି ଦେଖିଲା ଚକୋର ॥
ଭାଇ ଭଉଣୀ ବେଗେ ଗଲେ । ବୋଇତେ ପ୍ରବେଶ ହୋଇଲେ ॥
ବୋଇତେ ଜଳୁଥିଲା ଦୀପ । ଦେଖିଲେ ତଅପୋଇ ରୂପ ॥
ତେଲ ବିହୁନେ କେଶ ଉଡ଼େ । ମୁଣ୍ଡୁ ଉକୁଣୀ ଝରିପଡ଼େ ॥
ଛିଣ୍ଡା ଲେଙ୍ଗଡ଼ା ପିନ୍ଧିଥାଇ । ଦେଖି ବିକଳ ସାତ ଭାଇ ॥
କହିଲା ଭାଇଙ୍କ ଆଗରେ । ଛାଡ଼ିତ ଗଲ ବୋଇତରେ ॥
ପାଳି ସେ ଥିଲେ ମାସ ଦୁଇ । ଏମନ୍ତ ପ୍ରକାରେ ଥିଲି କହି ॥
ରାଣୀ ବ୍ରାହ୍ମଣୀ ବୋଲ ଶୁଣି । ନ ଦେଲେ ମୋତେ ଅନ୍ନପାଣି ॥
ସେ ରାଣୀ କହିଲା ତାହାଙ୍କୁ । ଛେଳି ରଖାଅ ନଣନ୍ଦକୁ ॥
ତାହାର ବୋଲକୁ ଶୁଣିଲେ । ବନରେ ଛେଳି ରଖାଇଲେ ॥
ଭିତରେ ମୁଠାମାଛି ଭରି । ଉପରେ ଭାତ ଗୋଟା ଚାରି ।
ବଡ଼ ବୋହୂର ଏହି ମତେ । ଦୁଃଖ ଯେ ଦେଲେ ଯେତେଯେତେ ।
ସାନ ବୋହୂର ପାଳି ଦିନ । ବହୁତ ଦେଇଥାଇ ଅନ୍ନ ॥
ଏମନ୍ତ ଶୁଣି ସାତ ଭାଇ । କହନ୍ତି ଶୋକଭର ହୋଇ ॥
ଅଷ୍ଟରତ୍ନର ଅଳଙ୍କାର । ଦେଲେ ଯେ ଭଉଣୀ ଶରୀର ॥
ବସାଇ ଚଉକି ଉପରେ । ତୀକ୍ଷ୍ଣ କାତିଏ ଦେଲେ କରେ ॥
ବୋଇଲେ ଯେହୁ ପ୍ରିୟ ତୋର । ନାସିକା ନ କାଟିବୁ ତାର ॥
ଯେଅବା ଦୁଃଖ ଦେଲେ ତୋରେ । ନାସିକା କାଟିବୁ ଯେ ତାରେ ॥
ଏମନ୍ତ କହି ଭାଇ ଗଲେ । ରାଜ୍ୟକୁ ଦୂତ ଚଳିଗଲେ ॥
ରାଜ୍ୟରେ ଚହଳ ପଡ଼ିଲା । ଶୁଭେଣ ବୋଇତ ଲାଗିଲା ॥

ଆନନ୍ଦ ରାଜ୍ୟ ଲୋକ ଶୁଣି । ଏଥି ଉତ୍ତାରୁ ଶୁଣ ପୁଣି ॥
ପୁଣିହିଁ ସାଧବର ପୁଏ । ଘରକୁ କହି ପଠିଆଏ ॥
ବେଗ ହୋଇଣ ତୁମ୍ଭେ ଯାଅ । ବୋହୂମାନଙ୍କ ଆଗେ କହ ॥
ସଙ୍ଗତେ ଘେନି ତଅପୋଇ । ଆସନ୍ତୁ ବୋଇତ ବନ୍ଦାଇ ॥
ତକ୍ଷଣେ ଲୋକ ଧାଇଁଗଲେ । ସପତ ବୋହୂଙ୍କୁ କହିଲେ ॥
ତଅପୋଇକି ସଙ୍ଗେ ନିଅ । ଶୀଘ୍ରେଣ ବୋଇତ ବନ୍ଦାଅ ॥
ଶୁଣି ସମସ୍ତେ ଆରତେଣ । ତଅପୋଇକି ଖୋଜି ଆଣ ॥
ବୋଲଇ ସାନବୋହୂ ତହିଁ । କାଲି ତ ବନୁ ଆସି ନାହିଁ ॥
ଖାଇଲା ଭୂତ କି ରାକ୍ଷସ । ଏବେ ଲୋଡ଼ିଲେ ହେବ କିସ ॥
କର୍ମେ ଅବଶ୍ୟ ଅଛି ଯାହା । ଭୋଗ କରିବାଟିକି ତାହା ॥
ବୋଲଇ ବଡ଼ ବୋହୂ ଶୁଣି । ବାହାର ହୁଅ ଅର୍ଘ୍ୟ ଘେନି ॥
ବୋଇତ ବେଗେ ବନ୍ଦାଇବା । ପୁଚ୍ଛିଲେ ବଞ୍ଚାଇ କହିବା ॥
ଏମନ୍ତେ ଅର୍ଘ୍ୟ ଘେନି ବାଳି । ବୋଇତ ପାଶେ ଯାଇ ମିଳି ॥
ବୋହୂଙ୍କୁ ଦେଖି ସାତ ଭାଇ । ବୋଇଲେ ଅଧର କମ୍ପାଇ ॥
ସଙ୍ଗରେ ତଅପୋଇ ନାହିଁ । ତୁମ୍ଭେ ଗୋ ଆସିଲ କିମ୍ପାଇଁ ॥
ମଝିଆଁ ବୋହୂ ବୋଲେ କଥା । ତଅପୋଇର ମୁଣ୍ଡ ବ୍ୟଥା ॥
କେମନ୍ତେ ଚଳିଣ ଆସିବେ । ଦେହରେ ପୀଡ଼ା ସେ ପାଇବେ ॥
ଏମନ୍ତ ଶୁଣି ସାତ ଭାଇ । କହନ୍ତି କ୍ରୋଧଭର ହୋଇ ॥
ଦେବତା ଛନ୍ତି ମଙ୍ଗ କୋଣେ । ବନ୍ଦାଅ ଯାଇ ଜଣେ ଜଣେ ॥
ପ୍ରଥମେ ବଡ଼ବୋହୂ ଗଲା । କୋଣେ ବୋଇତ ବନ୍ଦାଇଲା ॥
ଛୁରୀରେ ତଅପୋଇ ବାଳି । କାଟିଲା ନାକର ବଉଳି ॥
ନାକୋଇ ହୋଇ ପଳାଇଲା । ତା ପଛେ ଆରେକ ଅଇଲା ॥
ଏହି ପ୍ରକାରେ ସର୍ବ ବାଳି । କାଟିଲା ନାକର ବଉଳି ॥
ନିକେନ୍ଦ୍ରି ନାମେ ସାନବୋହୂ । ତଅପୋଇର ପ୍ରିୟ ସେହୁ ॥
ସମସ୍ତ ପଛେ ସେ ଅଇଲା । ସେ ବୋହୂ ପଛେ ବନ୍ଦାଇଲା ॥
ସାନବୋହୂକୁ ଦେଖି ବାଳି । ହସ୍ତରୁ ପକାଇଲା ଛୁରୀ ॥

କଣ୍ଠୁ କାଢ଼ିଲା ରତ୍ନମାଳି । ବୋହୂ ବେକରେ ଦେଲା ବାନ୍ଧି ॥
କାଖ କରିଣ ବୋହୂ ନେଲା । ଆପଣା ମନ୍ଦିରେ ରଖିଲା ॥
ଅତି ଆନନ୍ଦ ସେ ହୋଇଲେ । ଉତ୍ତମ ସୁଖ ଭୋଗ କଲେ ॥
ଏମନ୍ତ ଶୁଣି ସେ ରୁକ୍ମିଣୀ । ବୋଲନ୍ତି ଆହେ ଚକ୍ରପାଣି ॥
ନାକୋଇମାନେ କାହିଁ ଗଲେ । କେମନ୍ତେ ଯାଇ ସେ ରହିଲେ ॥
ସେ କଥା କହ କହ ଆହେ ହରି । କେମନ୍ତେ ହେଲେ ଏତେସରି ॥
ରାଣ୍ଡୀ ବ୍ରାହ୍ମଣୀ ସିନା ଆସି । ତାହାକୁ ଶିଖାଇଲା ବସି ॥
ବୋଲାଇ ନଣନ୍ଦ ଏ ଛାର । ଏହାକୁ ଏତେ ସେବାକର ॥
କଷଣ ଦେଇ ତ ମାଇଲ । ପଛକୁ ଦୁଃଖ ସମ୍ପାଦିଲ ॥
ତୁମ୍ଭେ ଗୋ ନିର୍ଲ୍ଲଜ ବାଳୀଶ । ଏହାର ଯୋଗୁଁ ଯିବ ନାଶ ॥
ଏମନ୍ତ କହିଣ ସେ ଗଲା । ମାୟାମୋହିନୀ ଲଗାଇଲା ॥
ହଜିଲା ଏହାଙ୍କର ବୁଦ୍ଧି । ନଣନ୍ଦ ସଙ୍ଗେ ହେଲେ ବାଦୀ ॥
ଆୟତ ନଥିଲା ତାଙ୍କରି । କିମ୍ପା ହୋଇଲେ ଏତେସରି ॥
କହନ୍ତି ଦେବକୀ ନନ୍ଦନ । ଶୁଣ ଗୋ ଯୁବତୀ ରତନ ॥
ନାକୋଇମାନେ ତହିଁ ଗଲେ । ଅରଣ୍ୟ ଭିତରେ ପଶିଲେ ॥
ବହୁତ ଦୂର ପଥ ଲଙ୍ଘି । ବୁଲନ୍ତି ବାର ପ୍ରାୟ ହୋଇ ॥
ବିକଳେ କରନ୍ତି ରୋଦନ । ଶୁଭଇ ଘୋର ଗରଜନ ॥
ସମସ୍ତେ ହୋଇ ଏକମେଳ । ବସିଲେ ବୃକ୍ଷ ଛାଇତଳ ॥
ଭୁଖିରେ ତନୁ ଜରଜର । ପଡ଼ଇ ଧରଣୀ ଉପର ॥
ହୃଦୟେ ବେନି କର ମାରି । କାନ୍ଦନ୍ତି ଦଇବ ସୁମରି ॥
ଆହା ବିଧାତା ଏହା କଲୁ । କି ଦୋଷେ ଏ ଦଶା ବିହିଲୁ ॥
ଏକା କରମ ଷଡ଼ ନାରୀ । ଲେଖିଣ ଥିଲୁ କି ବିଚାରି ॥
କିମ୍ପାଇ ନ କଲୁ ମରଣ । ବନସ୍ତେ ଥିଲା ଏ କଷଣ ॥
ସାଧବ ଘରେ ହେଲୁ ଜାତ । ଏକାଳେ ହୋଇଲୁ ଅନାଥ ॥
ଯାଆଡୁ ବାପା ଭାଇ ଘର । ମୁଖକୁ ଚାହିଁବୁ କାହାର ॥
ଏମନ୍ତ ବୋଲିଣ ଯୁବତୀ । ସମସ୍ତେ ରୋଦନ କରନ୍ତି ॥

ବୋଇଲେ କରିବା ଗୋ କିସ । ଖାଇ ମରିବା ଆଣ ବିଷ ॥
କେ ବୋଲେ କିଛି ଗୋ ନ ଭାଳ । ନିଶ୍ଚେ ପୂରିଲା ଆମ୍ଭ କାଳ ॥
କେ ବୋଲେ ବନେ ପଶିଯିବା । ବ୍ୟାଘ୍ର ଭାଲୁଙ୍କ ମୁଖେ ଯିବା ॥
କେହି ଆମ୍ଭଙ୍କୁ ନ ଖାଇଲେ । ନିରେଖ ବୋଲି ଛାଡ଼ି ଦେଲେ ॥
ଏମନ୍ତ କହୁ ବେଳ ଗଲା । ତିମିର ଆସି ପ୍ରବେଶିଲା ॥
ଦଇବ ଯୋଗେଣ ଶାର୍ଦ୍ଦୂଳ । କ୍ଷୁଧା ତୃଷାରେ ସେ ଆକୁଳ ॥
ମିଳିଲେ ଯୁବତୀଙ୍କ ପାଶ । ଦେଖିଣ ବୁଡ଼ିଲା ସାହସ ॥
ନାକୋଇମାନେ ତହିଁ ପଡ଼ି । ପିଣ୍ଡରୁ ପ୍ରାଣ ଗଲା ଛାଡ଼ି ॥
ବେନି ଶାର୍ଦ୍ଦୂଳ ତହିଁ ଗଲେ । ସେ ମୃତପିଣ୍ଡ ପଡ଼ିଥିଲେ ॥
ଏମନ୍ତେ ରଜନୀ ପାହିଲା । ରବି କିରଣ ପ୍ରକାଶିଲା ॥
ସେ ବନେ ସଦାଶିବ ଥାନ୍ତି । ମର୍କତ ଲିଙ୍ଗ ଶୋଭା ପାନ୍ତି ॥
ତାହାଙ୍କୁ ନ ଦେଖନ୍ତି କେହି । ଗୁପତେ ହୋଇଥାନ୍ତି ରହି ॥
ବିରୂପା ନାମେଣ ଶବର । ବୁଲଇ ମହାବନ ଘୋର ॥
ଏମନ୍ତେ ବନେ ବୁଲୁଥିଲା । ବନେ ସେ ଲିଙ୍ଗଙ୍କୁ ଭେଟିଲା ॥
ଦେଖିଲା ମର୍କତ ଲିଙ୍ଗଙ୍କୁ । ବିଚାର କଲା ସେ ମନକୁ ॥
ବୋଇଲା ଆଜି ଭାଗ୍ୟେ ମୋର । ଦର୍ଶନ ପାଇଲି ଶଙ୍କର ॥
ସେ ଶୁଦ୍ଧଚିତ୍ତେ ସ୍ତୁତି କଲା । ସାଷ୍ଟାଙ୍ଗ ଦଣ୍ଡବତ କଲା ।
ଉଠି ହୋଇଲା କୃତ୍ୟ କୃତ୍ୟ । ସେଠାରୁ ଗଲାକ ତ୍ୱରିତ ॥
ସ୍ନାନ ଶଉଚ ଜଳେ ସାରି । ନୀର ଆଣିଲା କରେ ଧରି ॥
ଶିବଙ୍କ ଶିରରେ ଢାଳିଲା । କୁସୁମ ବେଲପତ୍ର ଦେଲା ॥
ସୁସ୍ୱାଦୁ ପକ୍ୱଫଳ ଆଣି । ଦେଇ ପୂଜିଲା ଶୂଳପାଣି ॥
ଉଠିଣ କଲା ନମସ୍କାର । ଆନନ୍ଦେ ବୋଇଲେ ଶବର ॥
ଏମନ୍ତ ନିତ୍ୟ ସେବାକରି । ଦୃଢ଼ ବିଶ୍ୱାସ ଚିତ୍ତେ ଧରି ॥
ଦିନେ ସେ ବିରୂପା ଶବର । ପୂଜିଣ ଯାଉ ସେ ଶଙ୍କର ॥
ବନେ ଯାଉଛି ବେଗ ହୋଇ । ବାଟରେ ଦେଖିଲାକ ଯାଇ ॥
ଷଡ଼ଯୁବତୀଛନ୍ତି ମରି । ନାସାଚ୍ଛେଦନ ସବୁଙ୍କରି ॥

ଦେଖିଣ ଆଶ୍ଚର୍ଯ୍ୟ ହୋଇଲା । ମର୍କତ ଲିଙ୍ଗ ପାଶେ ଗଲା ॥
ସେ ନିତ୍ୟକର୍ମ ଯେ ସାରିଲା । ଯିବାକୁ ମେଲାଣି ମାଗିଲା ॥
ହିରଣ୍ୟ ନ କହି ବଚନ । ବୁଝିବା ପାଇଁ ତାର ମନ ॥
ଶବର ବହୁତ ଡାକିଲା । ଡାକିଣ ନିରାଶ ହୋଇଲା ॥
ବୋଇଲେ ଅପରାଧ ମୋର । ଦୟା ତେଜିଲେ ଦେବହର ॥
ଆଉ ଜୀବନ କାର୍ଯ୍ୟ ନାହିଁ । ଆକୁଳେ ଦଶଦିଗ ଚାହିଁ ॥
ନାରାଚ ପାଶାଣେ ଘଷିଲା । କଣ୍ଠ ତଣ୍ଟିରେ ବସାଇଲା ॥
ଡାକିଲେ ପ୍ରଭୁ ଦେବ ହର । ରହରେ ବିରୂପା ଶବର ॥
କିମ୍ପାଇଁ ହାରୁଛୁ ଜୀବନ । ମୁହିଁ ଜାଣିଲି ତୋର ମନ ॥
ପ୍ରସନ୍ନ ହେଲି ମାଗ ବର । ଯେ ଇଚ୍ଛା ମନରେ ତୋହର ॥
ଶବର ମନେ ବିଚାରଇ । ସେ ପ୍ରାଣୀ ପରହିତେ ଥାଇ ॥
ସ୍ୱର୍ଗ ପ୍ରାପତ ହୁଏ ତାରେ । ଝୁରି ମୁଁ ଅଛଇ ସଂସାରେ ॥
ଏମନ୍ତ ମନେ ବିଚାରିଲା । କର ଯୋଡ଼ିଣ ଜଣାଇଲା ॥
ବୋଇଲା ପ୍ରଭୁ ମହେଶ୍ୱର । ମୋ ଅପରାଧ କ୍ଷମାକର ॥
ଷଡ଼ ଯେ ନାରୀଛନ୍ତି ମରି । ଜୀଇଁବେ ନାସିକା କଅଁଳି ॥
ଅସ୍ତୁ ବୋଇଲେ ଶୂଳଧର । ତକ୍ଷଣେ ଦେଖିଲା ଶବର ॥
ବୋଲଇ ଆଗୋ ନାରୀମାନେ । କିମ୍ପା ଅଇଲ ଘୋର ବନେ ॥
ଶୁଣି ସାଧବ ବୋହୂମାନେ । ବୋଲନ୍ତି ଶୁଣ ସାବଧାନେ ॥
କନିଷ୍ଠ ନଣନ୍ଦ ଆମ୍ଭର । ତା' ଲାଗି ହେଲୁ ଏତେଦୂର ॥
ନାମ ତା ତଅପୋଇ ବାଳୀ । କାଟିଲା ନାକର ବଉଳି ॥
ନାକୋଇ ହୋଇ ପଳାଇଲୁ । ଲଜ୍ୟାରେ ବନସ୍ତେ ପଶିଲୁ ॥
ବ୍ୟାଘ୍ର ଦେଖିଣ ମୋହଯାଇ । ପଡ଼ିଣଥିଲୁ ଏହିଠାଇଁ ॥
କେଉଁ ବିଧାତା ବର ଦେଲା । ନାସିକାମାନେ କଅଁଳିଲା ॥
ଶବର ସମସ୍ତ କହିଲା । ତାହାଙ୍କୁ ପଥ ଦେଖାଇଲା ॥
ସେ ବାପ ଭାଇ ଘର ଗଲେ । ନିଶ୍ଚିନ୍ତ ହୋଇଣ ରହିଲେ ॥
କହଇ ଗୋପୀନାଥ ଦାସ । ଉଦ୍ଧାର ମତେ ପୀତବାସ ॥

ଇତି ଶ୍ରୀକୃଷ୍ଣ ରୁକ୍ମିଣୀ ସତ୍ୟଭାମା ଉକ୍ତୌ ସାଧବ
ଷଡ଼ବଧୂ ଉଦ୍ଧାରେଣ ନାମ ତୃତୀୟୋଽଧ୍ୟାୟଃ ।

---

## ଚତୁର୍ଥ ଅଧ୍ୟାୟ

ଏମନ୍ତ କୃଷ୍ଣ ବାଣୀ ଶୁଣି । ହସି ବୋଲନ୍ତି ଠାକୁରାଣୀ ॥
ସେ ତଅପୋଇ କିସ କଲା । କେମନ୍ତ ହୋଇଣ ରହିଲା ॥
ଏମନ୍ତେ କେତେ ଦିନ ଗଲା । ସାଧବ ମନେ ବିଚାରିଲା ॥
ଏବେ କରିବା ସୁବିଚାର । ତଅପୋଇର ବିଭାଘର ॥
ଜ୍ୟେଷ୍ଠ ଭ୍ରାତାର ଏହି ବାଣୀ । ସମସ୍ତେ ଭାଇମାନେ ଶୁଣି ॥
ବୋଇଲେ କହିବା ଉଚିତ । ଯେ ସାଧୁ ଶ୍ରେଷ୍ଠ କୁଳବନ୍ତ ॥
ଅଇଶ୍ୱର୍ଯ୍ୟରେ ଥିବ ରହି । ବିଭା କରିବା ତଅପୋଇ ॥
କହନ୍ତି ସାଧବ ନନ୍ଦନ । ଏମନ୍ତେ ଗଲା କେତେ ଦିନ ॥
ବିରଞ୍ଚି ବୋଲିଣ ସାଧବ । ତାହାର ଧନ ଅସମ୍ଭବ ॥
କୁବେର ସମ୍ପତ୍ତିକୁ ବଳି । ପ୍ରତାପ ନ ପାରିବ କଳି ॥
ସେହି ଦ୍ୱୀପରେ ତାର ଘର । ତା ପୁତ୍ର ନାମ ରତ୍ନାକର ॥
ସୁନ୍ଦର ସୁବୁଦ୍ଧି ପଣ୍ଡିତ । ଗରିଷ୍ଠ ପଣେ ବଳବନ୍ତ ॥
ତାହାକୁ ବିଭା କରିବାକୁ । ତା ପିତା ବିଚାରେ ମନକୁ ॥
ଦୂତମାନଙ୍କୁ ଡକାଇଲା । ପ୍ରସଙ୍ଗ କରିଣ ପେଶିଲା ॥
ତକ୍ଷଣେ ଦୂତମାନେ ଗଲେ । ଥୋକାଏ ରାଜ୍ୟ ସେ ବୁଲିଲେ ॥
ତନୟ ସାଧବର ସୁତ । ସେ ରାଜ୍ୟେ ସେହି ଭାଗ୍ୟବନ୍ତ ॥
ଏକ ଭଉଣୀ ସାତ ଭାଇ । ତାହାର ନାମ ତଅପୋଇ ॥
ତାହାର ଦ୍ୱାରେ ଦୂତ ଆସି । ପ୍ରସଙ୍ଗ କରିବେ ବିଶେଷି ॥
ବୋଇଲେ ବିରଞ୍ଚି ସାଧୁସୁତ । ତାହାଙ୍କ ପୁତ୍ର ବଳବନ୍ତ ॥
ତଅପୋଇକି ବିଭା କର । ଏକଥା ଉଚିତ ବେଭାର ॥
ଏମନ୍ତ କହି ଦୂତମାନେ । ମେଲାଣି ହୋଇଲେ ବହନେ ॥
ଯାଇଣ ସାଧବ ଭବନ । କହିଲେ ସକଳ ବଧାନ ॥
ଶୁଣି ସାଧବ ତୋଷ ହୋଇ । ସେ ବିଧିବିଧାନ ଲିଆଇ ॥

କୁଳଧର୍ମର ଯେଉଁ ରୀତି । ସେହି ପ୍ରକାରେ ସେ କରନ୍ତି ॥
ମଙ୍ଗଳକୃତ୍ୟ ଯେ ଭିଆଣ । ମିଳି ବହୁତ ନାରୀଗଣ ॥
ନବୀନ ଭାଣ୍ଡ ମଙ୍ଗୁଳିଲେ । ସମସ୍ତେ ହୁଳହୁଳି ଦେଲେ ॥
ବସ୍ତ୍ର ଭୂଷଣ ଅଳଙ୍କାର । ଯେ ବିଧି ପୂଜା ଉପଚାର ॥
ଦେଇଣ ସମସ୍ତେ ପୂଜନ୍ତି । ଯୁବତୀ ହୁଳହୁଳି ଦ୍ୟନ୍ତି ॥
ଶଙ୍ଖ ମହୁରୀ ନାନା ବାଦ୍ୟେ । ବାଜନ୍ତେ ଉଠୁଲେ ଶବଦ ॥
ସେଠାରୁ ହୁଅନ୍ତି ମେଲାଣି । ବର କନ୍ୟାଙ୍କୁ ଘରୁ ଆଣି ॥
ଢାଳନ୍ତି ନେଇ ତୀର୍ଥ ଜଳ । ଯୁବତୀ ହୋଇ ଏକମେଳ ॥
ତ୍ୱରିତେ ତହୁଁ ପୋଛି ଦେଲେ । ମଳିନ ବସ୍ତ୍ର ପିନ୍ଧାଇଲେ ॥
ଏଥିଉତ୍ତାରୁ ଆର ଦିନ । ବିଭା ହୁଅବ ଯୋଗ ଲଗ୍ନ ॥
ବ୍ରାହ୍ମଣ ଯଜତିଷ୍ଠ ଆସି । ବିଶେଷେ ପଚାରନ୍ତି ବସି ॥
କହନ୍ତେ ସମସ୍ତେ ଶୁଣିଲେ । ବିଭା ଉଦ୍ୟମ ପଚାରିଲେ ॥
ମଙ୍ଗଳ ବାଦ୍ୟ ଉଜାରନ୍ତି । ବରକୁ ବେଦୀରେ ବସାନ୍ତି ॥
ବ୍ରାହ୍ମଣେ ବେଦ ବାକ୍ୟ ଭାଷି । ବୋଇଲେ କନ୍ୟାକୁ ଆଣସି ॥
ତା ଶୁଣି କନ୍ୟାକୁ ଅଣାଇ । ଲବଣ ତଉଁରୀ ପକାଇ ॥
ଅଷ୍ଟରତ୍ନର ଅଳଙ୍କାର । ଖଞ୍ଜିଲେ କନ୍ୟାର ଶରୀର ॥
ଝୀନ ବସନ ପିନ୍ଧାଇଣ । ଦେବାଙ୍ଗ ବସ୍ତ୍ର ଉପରଣ ॥
ଦେଇଣ କନ୍ୟାକୁ ଆଣିଲେ । ବେଦୀ ଉପରେ ବସାଇଲେ ॥
ଅନେକ ବାଦ୍ୟ ବଜାବନ୍ତି । ଯୁବତୀ ହୁଳହୁଳି ଦ୍ୟନ୍ତି ॥
ଶବଦ ଶୁଭେ ଘୋରନାଦ । ବ୍ରାହ୍ମଣେ ପଢୁଛନ୍ତି ବେଦ ॥
ଜନଗହଳେ ନୁହେଁ ପଶି । ଦେଖି ବର କନ୍ୟାକୁ ତୋଷି ॥
ସମସ୍ତେ ଧନ୍ୟ ଧନ୍ୟ କଲେ । ବିଭା ଉତ୍ସବ ବଢ଼ାଇଲେ ॥
ବନ୍ଧୁ କୁଟୁମ୍ବ ଜ୍ଞାତି ଜନ । ଭୋଜନ କଲେ ମିଷ୍ଟ ଅନ୍ନ ॥
ସେଦିନ ରଜନୀ ପାହିଲା । ରବି କିରଣ ପ୍ରକାଶିଲା ॥
ସାତ ଭାଇଙ୍କି ଅଣାଇଲା । ବିରଞ୍ଚି ସାଧବ ଉଠିଲା ॥
ବୋଇଲେ ମେଲାଣି ଆମ୍ଭକୁ । ବହଳ ଦିଅ ହେ ଯିବାକୁ ॥
ଶୁଣି ତନୟ ସାଧୁ ସୁତେ । ଉଦ୍ୟମ କଲେ ଯିବା ଅର୍ଥେ ॥

ସଜ କରିଣ ରଜ ଦୋଳି । ବସାଇ ତଅପୋଇ ବାଳୀ ॥
ସୁବର୍ଣ୍ଣ ଚାନ୍ଦ ଘରେ ଥିଲା । ସାଧବ ବେଗେ ଅଣାଇଲା ॥
ଉପରେ ଖଟାଇଲା ସେହି । ଦେଖି ଆନନ୍ଦ ତଅପୋଇ ॥
ଚନ୍ଦ୍ରକୁ ବେଢ଼ି ଯେହ୍ନେ ତାରା । ଅତି ସୁନ୍ଦର ଦିଶେ ତୋରା ॥
ଦେଖିଣ ନଗ୍ର ନାରୀମାନେ । ବୋଲନ୍ତି ଧନ୍ୟ ତୋ' ଜୀବନେ ॥
ସାତ ଭାଇରେ ତଅପୋଇ । ଦଣ୍ଡେ ମୁହାଁନ୍ତି କେହି ନାହିଁ ॥
ଭାଉଜ ଦେଖି ନ ପାରିଲେ । ଏହାର ଲାଗି ଦୂର ହେଲେ ॥
ସାନ ଭାଉଜ ନଣନ୍ଦର । ଦଣ୍ଡେହେଁ ନୁହେଁ ଅଭ୍ୟନ୍ତର ॥
କେମନ୍ତେ ମୁହିଁବ ଏହାକୁ । ଆସିବା ଯାଏ ତା' ଘରକୁ ॥
ଏମନ୍ତ ଶୁଣି ତଅପୋଇ । ବେନି ନୟନ ଲୁହ ବହି ॥
ଭାଉଜ କାନ୍ଦେ ଶୋକଭରେ । ଲୁହ ପୋଛିଣ ବେନି କରେ ॥
ସାହି ପଡ଼ିଶା ଯେତେ ଥିଲେ । କାନ୍ଦିଣ ପ୍ରବୋଧନ କଲେ ॥
ଏମନ୍ତ ସୈନ୍ୟ ସଜ ହେଲେ । ସେ ଯାହା ବାହାନ ଚଢ଼ିଲେ ॥
ବରକୁ ସୁବେଶ କରାଇ । ପାଲିଙ୍କି ଉପରେ ବସାଇ ॥
ଆଗରେ ଗଲେ ତଅପୋଇ । ପଛରେ ବର ଚଳିଯାଇ ॥
ତଅପୋଇର ସାତ ଭାଇ । ପାଞ୍ଚୋଟି ଖଣ୍ଡେ ଦୂର ଯାଇ ॥
ବିରଞ୍ଚି ସାଧବଙ୍କୁ କହି । ଯେ ଯାହା ରୂପେ ମାନ୍ୟ ହୋଇ ॥
ଲେଉଟି ଘରକୁ ଅଇଲେ । କନ୍ୟା ଘେନିଣ ସେହୁ ଗଲେ ॥
ଯାଇଣ ମିଳିଲେ ରାଜ୍ୟରେ । ଶୁଣ ହେ ଏଥୁ ଅନ[illegible] ରେ ॥
ତଉଠି ସାତ ଯେ ମଙ୍ଗଳା । ଏ ରୂପେ ସବୁ ସେ ବଢ଼ିଲା ॥
ଏମନ୍ତେ ଶ୍ରୀକୃଷ୍ଣର ବାଣୀ । ରୁକ୍ମଣୀ ସତ୍ୟଭାମା ଶୁଣି ॥
ବୋଲନ୍ତି ଶୁଣ ଦେବ ହରି । ସେତ ସ୍ୱର୍ଗର ଅପସରୀ ॥
ସାଧବ ଘରେ ସେ ରହିଲା । କେମନ୍ତେ ସ୍ୱର୍ଗକୁ ସେ ଗଲା ॥
କହନ୍ତି କମଳ ଲୋଚନ । ଶୁଣ ଗୋ ରମଣୀ ରତନ ॥
ସେ ଚିତ୍ରସେନ ସ୍ୱର୍ଗପୁରେ । ଭାଳଇ ବସି ନିରନ୍ତରେ ॥
ନିକଟ ଦିନ ଆସି ହୋଇ । ଷୋଳ ବରଷ ପୁରି ନାହିଁ ॥

ଏମନ୍ତ ସମୟେ ଗନ୍ଧର୍ବ । ଇନ୍ଦ୍ରକୁ ବୋଇଲେ ଭୋ ଦେବ ॥
ଏବେ ମୁଁ କରିବି କେମନ୍ତେ । ବିଚାର କର ଶଚୀନାଥ ॥
ଇନ୍ଦ୍ର ବୋଇଲେ ଚିତ୍ରସେନ । ଷୋଳବରଷ ଯେଉଁ ଦିନ ॥
ସମ୍ପୂର୍ଣ୍ଣ ହୋଇବଟି ଯେବେ । ବିମାନେ ଘେନିଯିବୁ ତେବେ ॥
ବସାଇ କରି ତୋର ନାରୀ । ମଞ୍ଚୁ ଆଣିବୁ ସ୍ୱର୍ଗପୁରୀ ॥
ଶୁଣିଣ ଇନ୍ଦ୍ରର ବଚନ । ଗନ୍ଧର୍ବ ଗଣୁଥାଇ ଦିନ ॥
ଷୋଳ ବରଷ ଯହୁଁ ହେଲା । ବିମାନ ଘେନି ସେ ଚଳିଲା ॥
ପୁଷ୍ପ ବିମାନ ଆକାଶରେ । ରହିଣ ଥିଲା ସେ ଗୁପ୍ତରେ ॥
ଦେଖ ଏ ଦଇବର ଗତି । ଯେ ଯାହା କର୍ମ ସେ ଭୁଞ୍ଜନ୍ତି ॥
ତଅପୋଇକି ନେବାପାଇଁ । ଗନ୍ଧର୍ବ ଆସିଥିଲା ତହିଁ ॥
ସାତ ମଙ୍ଗଳା ବିଧି ସାରି । ଅଷ୍ଟମଙ୍ଗଳା ବିଧି କରି ॥
ତଅପୋଇକି ଭାଇ ସାଥେ । ବସାଇ ଗଜଦନ୍ତ ରଥେ ॥
ଘରକୁ ଘେନିଣ ଗମନ୍ତି । ଶୂନ୍ୟେ ଦେଖିଲା ତାର ପତି ॥
ଆସିଣ ପଥ ଓଗାଳିଲା । ସଭିଙ୍କୁ ଘଉଡ଼ାଇ ଦେଲା ॥
ତଅପୋଇକି ଘେନିଯାଇ । ପୁଷ୍ପକ ବିମାନେ ବସାଇ ॥
ସ୍ୱର୍ଗରେ ଯାଇଣ ମିଳିଲା । ଇନ୍ଦ୍ର ଛାମୁରେ ଜଣାଇଲା ॥
ମାନବ ରୂପ ତାର ଗଲା । ଦେବ ଶରୀର ପ୍ରକାଶିଲା ॥
ଆନନ୍ଦ ହୋଇ ଦେବୀଜନେ । ସୁଖେ ରହିଲେ ସ୍ୱର୍ଗସ୍ଥାନେ ॥
କହଇ ବିଷ୍ଣୁ ଗୋପୀନାଥ । ଉଦ୍ଧବ ଶଙ୍ଖଚକ୍ର ହସ୍ତ ॥

ଇତି ଶ୍ରୀକୃଷ୍ଣ ରୁକ୍ମଣୀ ସତ୍ୟଭାମା ଉକ୍ତେ ତଅପୋଇ ବିବାହ ଓ
ସ୍ୱର୍ଗ ଗମନଂ ନାମ ଚତୁର୍ଥୋଽଧ୍ୟାୟଃ ।

## ପଞ୍ଚମ ଅଧ୍ୟାୟ

ଏଥୁ ଉତ୍ତାରୁ ଶୁଣ ଏବେ । କହିବା ତହିଁର ବିଧାନ ॥
ଯହୁଁ ସେ ତଅପୋଇ ବାଳୀ । ସ୍ୱର୍ଗ ଭୁବନ ଗଲା ଚଳି ॥
ଦେଖି ତାହାର ବନ୍ଧୁଜନେ । ଚକିତେ ଚାହିଁଲେ ଗଗନେ ॥
କହନ୍ତେ ସମସ୍ତେ ଶୁଣିଲେ । ବହୁତ ଜନ ମେଳି ଦେଲେ ॥

ଦୂରରୁ ଶୁଭିଲା ଶବଦ । ସକଳେ ହୋଇଲେ ନିର୍ବୋଧ ॥
ବୁଦ୍ଧି ବିବେକ ଜନମାନେ । ବିଚାର କଲେ ମନେ ମନେ ॥
ବୋଇଲେ ସ୍ୱର୍ଗ ଅପସରୀ । ମର୍ତ୍ତେ ଜନ୍ମିଲା ଦେହ ଧରି ॥
ଭୋଗ ସରନ୍ତେ ସେହୁ ଗଲା । ସ୍ୱର୍ଗରେ ଯାଇଣ ବସିଲା ॥
ଶୁଣି ତନୟ ସାଧୁସୁତ । ବୋଇଲେ ଏକଥା ଉଚିତ ॥
ଯେବେ ସେ ଦେବତା ନୁହନ୍ତ । । ସ୍ୱର୍ଗର ଚାନ୍ଦ କି ମାଗନ୍ତ । ॥
ଏମନ୍ତ ଶୁଣି ତହୁଁ ଗଲେ । ନିଜ ଭୁବନେ ପ୍ରବେଶିଲେ ॥
ସେ ସାତ ଭାଇ ମେଳ ହୋଇ । ଭାଳନ୍ତି ଏକ ମନ ହୋଇ ॥
ବୋଲନ୍ତି ଦେବତାର ମାୟା । କେ ଅବା ଜାଣିଥିଲା ଏହା ॥
ନ ବୁଝି ଆମ୍ଭେ ଏତେ ସରି । କୁଳବଧୂଙ୍କୁ ଦୂର କରି ॥
ନାସିକାମାନ କଟାଇଣ । ଘଉଡ଼ି ଦେଲୁଁ ତକ୍ଷଣ ॥
ନିରାଶ ହୋଇ ପଳାଇଲେ । କେ କାହିଁ ଯେ ପ୍ରାଣ ହାରିଲେ ॥
ଏବେ କରିବା ଆଗ କିସ । ସବୁ ମରିବା ଖାଇ ବିଷ ॥
ଧନ ସମ୍ପଦ ଅକାରଣ । ଦଇବ ଦେଲା ଯେ କଷଣ ॥
ମାତା ପିଅର ଆମ୍ଭେ ମଲେ । ଆମ୍ଭ କଷଣ ନ ଦେଖିଲେ ॥
କହିଣ ବିମଳ ହୁଅନ୍ତି । ନୟନୁ ଲୋତକ ଗଡ଼ାନ୍ତି ॥
ବହୁତ ହୋଇଲା କଷଣ । ଜଗତେ ଶୁଭିଲା ଶୋଷଣ ॥
ସାଧବ ଶତ୍ରୁ ହୋଇ କରି । ଭାରିଜା ଦେଲେ ଦୂର କରି ॥
ଏବେ ପାଇଲେ ଏଡ଼େ ଦୁଃଖ । ହୋଇଲେ ଅତିହିଁ ନିରେଖ ॥
ସେ କୁଳବଧୂମାନେ ଥିଲେ । ସମସ୍ତେ ବାରତା ପାଇଲେ ॥
ଶୁଣିଣ ହୋଇଲେ ଉସତ । ବହନ ପେଶି ଦେଲେ ଦୂତ ॥
ଯେ ଯାହା ଅନୁରୂପେ ଗଲେ । ସାଧବ ମନ୍ଦିରେ ମିଳିଲେ ॥
କହିଲେ ସକଳ ବିଧାନ । ଶୁଣି ହୋଇଲେ ତୋଷମନ ॥
ସକଳ ବନ୍ଧୁ ଘରେ ଗଲେ । ଭାରିଜାମାନଙ୍କୁ ଦେଖିଲେ ॥
ଦେଖିଣ କଲେ ସେ ରୋଦନ । ବହଇ ଅଶ୍ରୁ ଘନ ଘନ ॥
ସକଳ କଥାମାନ ନେଇ । ବହୁତ ହେଲେ କୁହା କୁହି ॥

ବୋଇଲେ ଆସ ଯିବା ଘର । ନାହିଁ ଯେ କଲେ ନାରୀବର ।।
ବହୁତ କଷ୍ଟରେ ଅଇଲେ । ଯେ ଯାହା ସୁଖେ ରାଜ୍ୟକଲେ ।।
ଧନ ବସଇ ରତ୍ନମାନ । ବହୁତ କଲେ ବିପ୍ର ଦାନ ।।
ପୁତ୍ର ଦୁହିତା ହେଲେ ଜାତ । ଏମନ୍ତେ ବଂଶ ଅପ୍ରମିତ ।।
ସେହି ସାଧବ ବୋହୂ ଯେତେ । ଏ ଓଷା କଲେକ ସମସ୍ତେ ।।
ଭାଦ୍ରବ ମାସ ରବିବାର । ଖୁଦୁରୁକୁଣୀ ଆଦ୍ୟ ସାର ।।
ସେ ଦିନ ଉପବାସ କରି । ମଙ୍ଗଳା ଦେବୀଙ୍କୁ ସୁମରି ।।
ଓଷା ମନ୍ଦିର ଯତ୍ନ କଲେ । ଚୂନରେ ଯତନ ଲିପିଲେ ।।
ମଙ୍ଗଳା ଦେବୀ ରୂପ ଦେଖି । ସମସ୍ତେ ମାନ୍ୟ କଲେ ଦେଖି ।।
ସାତ ବୋଇତ ଯେ ଦେଖିଲେ । ସାତ ସାଧବ ବସାଇଲେ ।।
ତଅପୋଇକି ମଙ୍ଗ କୋଣେ । ଦେଖି ହସିଲେ ଜଣେ ଜଣେ ।।
ବୋଇଲେ ଏପରି ସୁନ୍ଦରୀ । ନାକ କାଟିଲା ସବୁକରି ।।
ସାନବୋହୂର ପ୍ରୀତି ସିନା । ଭାଇମାନଙ୍କର ଦୁଲ୍ଲଣା ।।
କେ ବୋଲେ ନଣନ୍ଦ ଆମ୍ଭର । କରିଛି ଯେତେ ଉପକାର ।।
କେ ବୋଲେ ଦୋଳିରେ ବସିଲା । କେ ବୋଲେ ଛେଳି ରଖିଥିଲା ।।
କେ ବୋଲେ ଭାତ ଲୁଣ୍ଡା ମାଗି । ବନସ୍ତେ ଖାଉଥିଲା ଖୁଣି ।।
ପାଉଁଶ ଲୁଣ ଏ ଖାଉଥିଲା । ତେଣୁଟି ଭାଇକି କହିଲା ।।
କେହୁ ବୋଲଇ ଏହିଠାରେ । ତୀକ୍ଷଣ ଛୁରୀଟି ଦେଲେ କରେ ।।
ପୁଣିହିଁ ନାକ ଯେ କାଟିବ । ଆମ୍ଭଙ୍କୁ ବଳେ ବିନାଶିବ ।।
ଏମନ୍ତ ପରିହାସ କରି । କହନ୍ତି ସାଧବର ନାରୀ ।।
ତହିଁ ଉଭାରୁ ସର୍ବେ ଗଲେ । ଯେ ଯାହା ବିଧି ଯେ ଆଣିଲେ ।।
ବିବିଧ ଫୁଲମାଳମାନ । କର୍ପୂର କସ୍ତୁରୀ ଚନ୍ଦନ ।।
ଅଗୁରୁ ଧୂପ ଦୀପାବଳୀ । ବନ୍ଧାଇ ଦେଲେ ହୁଳହୁଳି ।।
ଶ୍ରୀଫଳ ଆଦି ଯେତେ ଫଳ । କାକୁଡ଼ି ମକା ଯେ କଦଳୀ ।।
ଉଖୁଡ଼ା ମୁଆଁ ଠୁଳକରି । ତାଙ୍କୁଡ଼ାମାନଙ୍କରେ ଭରି ।।
ଦେଇଣ ମଙ୍ଗଳା ପୂଜିଲେ । ଆନନ୍ଦେ ହୁଳହୁଳି ଦେଲେ ।।
ଉଠିଣ ଗଲେ ଯେଝାଘରେ । ବସି ମିଳିଲେ ପ୍ରଭାତରେ ।।
ଏମନ୍ତ ପ୍ରତିପାଳି କରି । ପ୍ରାତଃସ୍ନାନକୁ ତହିଁ ସାରି ।।

ପଥେ ଆସନ୍ତେ ହୁଳହୁଳି । ଦିଅନ୍ତି ନବୀନ ଦୁଲ୍ଲାଳୀ ॥
ଯାହାର ଯେ ଇଚ୍ଛା କଳ୍ପନା । ମଙ୍ଗଳା ନାମେ ସୁମରଣା ॥
କହନ୍ତି ଯେଝା ମନ ଜାଣି । ଦୟା କରନ୍ତି ଠାକୁରାଣୀ ॥
ଲେଖିଲା ଗୋପିନାଥ ଦାସ । ଏ ତଅପୋଇ ଗୀତ ଶେଷ ॥
କହନ୍ତି ପ୍ରଭୁ ପୀତବାସ । ରୁକ୍ମଣୀ ସତ୍ୟଭାମା ତୋଷ ॥

ଇତି ଶ୍ରୀ ରୁକ୍ମିଣୀ ସତ୍ୟଭାମା ଭକ୍ତୌ ସାଧବ ପୁତ୍ର ବଧୂ ସ୍ୱସ୍ଥାନ ଗମନଂ ନାମ ପଞ୍ଚମୋଽଧ୍ୟାୟଃ ।

———

## ଫୁଲତୋଳା ଗୀତ

ପ୍ରଭାତରୁ ଉଠି ବାଳିକାମାନେ । ମଙ୍ଗଳା ମାତାଙ୍କୁ ସୁମରିମନେ ॥
ଗେଲି ଦୁଲି ଆଉ ଚମ୍ପା ଗଉରୀ । ସୁଲୋଚନା ସହ ସକଳ ମିଳି ॥
ଡାକିହାକି ହୋଇ ସରବେ ଗଲେ । ଆନନ୍ଦ ମନରେ ଫୁଲ ତୋଳିଲେ ॥
ସ୍ନାହାନ ନିମନ୍ତେ ନଦୀକୁ ଯାଇ । ସ୍ନାନସାରି ମନେ ମଙ୍ଗଳାଧ୍ୟାୟି ॥
ଓଦାବସ୍ତ୍ରେ ନଦୀ କୂଳରେ ବସି । ବାଲୁକା ପୂଜନ୍ତି ବାଳିକା ମିଶି ॥
ହସହସ ହୋଇ ଗୃହେ ପଶିଲେ । ବସ୍ତ୍ର ପାଲଟି ଫୁଲ ଗୁନ୍ଥିଲେ ॥
ତଗର ମନ୍ଦାର ଅଶୋକା ଯୁଇ । ରଙ୍ଗଣୀ ମାଳତୀ ସୁଷମା ଯାଇ ॥
କାଠଚମ୍ପା ରଙ୍ଗଣୀ ବକୁଳ । ବିନାସୂତ୍ରେ ଗୁନ୍ଥି ରତ୍ନମାଳ ॥
ସର୍ବଜୟ ଫୁଲ କନିଅରକୁ । ମିଶାଇ ଗୁନ୍ଥିଲେ ଫୁଲମାଳକୁ ॥
ସୁନା ଚାଙ୍ଗୁଡ଼ିରେ ଅତି ଯତନେ । ଭୋଗ ସାମଗ୍ରୀକୁ ରଖି ସୁମନେ ॥
ମଙ୍ଗଳାଙ୍କ ପାଶେ ସକଳ ବାଳୀ । ମନବାଞ୍ଛା ସର୍ବେ ମନରେ ଭାଳି ॥
ଆବୋରି ବସିଲେ ପୁରହ ଗଣ । ପାଞ୍ଚପାଳି ଓଷା ହୋଇଲା ପୂର୍ଣ୍ଣ ॥
ଯେ ଯାହା ମନରେ ଧ୍ୟାଇ ବସିଲେ । ସେହି ଅନୁରୂପ ବର ଲଭିଲେ ॥
ହୁଳହୁଳି ଦେଲେ ଆନନ୍ଦ ମନେ । ଚଳିଲେ ଯେଯାହା ନିଜ ଭବନେ ॥
ମଙ୍ଗଳାମାତାଙ୍କ ପାଦପଦ୍ମରେ । ଗୋପିନାଥ ଚିତ୍ତ ରହୁ ନିଶ୍ଚଳେ ॥

—: ସମାପ୍ତ :—

ମୁଦ୍ରଣ : ଲୋକନାଥ ପ୍ରିଣ୍ଟର୍ସ, ଅଲିଶାବଜାର, କଟକ-୨